ସଞ୍ଜୟ କୁମାର ପାଣ୍ଡେ ଏବଂ ଅନ୍ୟମାନେ

ବନାମ

ଗୁଲବାହାର୍ ଶେଖ୍ ଏବଂ ଅନ୍ୟମାନେ

ଏପ୍ରିଲ 2,2004

[ଆର୍. ସି. ଲାହୋଟୀ ଏବଂ ଅଶୋକ ଭାନ, ନ୍ୟାୟମୂର୍ତ୍ତିଦ୍ଵୟ]

*ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମ, 1963:*

*ଏହାର ଧାରା 6 - ମକଦ୍ଦମା ସପକ୍ଷରେ ରାୟ ଦିଆଗଲା -- ଏହି ରାୟ ବିରୁଦ୍ଧରେ ପ୍ରତିକାର - ବାଦୀମାନେ ସ୍ଥାବର ସମ୍ପତ୍ତିରୁ ସେମାନଙ୍କର ବେଦଖଲକୁ ଅଭିଯୋଗ କରି ଧାରା 6 ଅନୁଯାୟୀ ମକଦ୍ଦମା ଦାୟର କଲେ - ମକଦ୍ଦମା ସପକ୍ଷରେ ରାୟ ଦିଆଗଲା - ଦେୱାନୀ କାର୍ଯ୍ୟବିଧି ସଂହିତାର ଧାରା 115 ଅନୁଯାୟୀ ପ୍ରତିବାଦୀମାନଙ୍କର ପୁନଃରୀକ୍ଷଣ ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ଅନୁମତି ଦିଆଗଲା ଏବଂ ଉକ୍ତ ମକଦ୍ଦମାକୁ ଖାରଜ କରିଦିଆଗଲା - ରାୟ ଦିଆଗଲା ଯେ , ଧାରା 6 ଅନୁଯାୟୀ ଏକ ମକଦ୍ଦମାରେ ଅସଫଳ ହୋଇଥିବା ଜଣେ ବ୍ୟକ୍ତିଙ୍କର ପ୍ରତିକାର ହେଉଛି ମକଦ୍ଦମାରେ ଥିବା ସମ୍ପତ୍ତିରେ ତାଙ୍କର ପ୍ରଜାସତ୍ତ୍ଵକୁ ପ୍ରମାଣିତ କରିବା ପାଇଁ ଏକ ନିୟମିତ ମକଦ୍ଦମା ଦାୟର କରିବା ଏବଂ ଯଦି ସେ ସେଥିରେ ସଫଳ ହୁଅନ୍ତି , ଧାରା 6 ଅନୁଯାୟୀ ଦିଆଯାଇଥିବା ଉକ୍ତ ପ୍ରତିକୂଳ ନିଷ୍ପତ୍ତି ସତ୍ତ୍ୱେ ମଧ୍ଯ ସେ ଉକ୍ତ ସମ୍ପତ୍ତିରେ ତାଙ୍କ ଦଖଲ ଫେରି ପାଇବାକୁ ହକଦାର୍ ହେବେ - ଏଠାରେ ପୁନଃରୀକ୍ଷଣ ଆବେଦନ ଦାଖଲର ପ୍ରତିକାର ଉପଲବ୍ଧ କିନ୍ତୁ ଏହା ଏହି କାରଣଗୁଡିକ ସକାଶେ ଏକ ବ୍ୟତିକ୍ରମ ରୂପରେ ହେବ ଯେ ଦେୱାନୀ କାର୍ଯ୍ୟବିଧି ସଂହିତାର ଧାରା 115 ଅନୁଯାୟୀ ପୁନଃରୀକ୍ଷଣ ଅଧିକାରିତାର ପ୍ରୟୋଗର ସୁପ୍ରତିଷ୍ଠିତ ପରିମାପ ମଧ୍ୟରେ ହସ୍ତକ୍ଷେପ ନିମିତ୍ତ ଏକ ମାମଲା ବ୍ୟତୀତ ଧାରା 6 ଅନୁଯାୟୀ, ଉଚ୍ଚ ନ୍ୟାୟଳୟ ଏକ ରାୟ କିମ୍ବା ଆଦେଶରେ ହସ୍ତକ୍ଷେପ କରିବେ ନାହିଁ - ତଥ୍ୟ ଉପରେ , ଉଚ୍ଚ ନ୍ୟାୟାଳୟ , ନଥିରେ ଥିବା ତଥ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କରିନାହାନ୍ତି ଏବଂ ଅଧିନିୟମର ଧାରା 6 ଅନୁଯାୟୀ ବିଚାରଣ ନ୍ୟାୟାଳୟଙ୍କର ନିଷ୍ପତ୍ତିକୁ ଓଲଟାଇବା ନିମିତ୍ତ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ଅନୁଯାୟୀ ପୁନଃରୀକ୍ଷଣ ଅଧିକାରିତା ପ୍ରୟୋଗ ନିମିତ୍ତ କୌଣସି ଆଧାରକୁ ମଧ୍ଯ ଦର୍ଶାଇ ନାହାନ୍ତି - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଦିଆଗଲା - ନୂତନ ନିଷ୍ପତ୍ତି ନିମିତ୍ତ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପୁନଃରୀକ୍ଷଣ ପୁନଃସ୍ଥାପିତ ହେବ - ଦେୱାନୀ କାର୍ଯ୍ୟବିଧି ସଂହିତା, 1908 - ଧାରା 115 ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2040/ 2004 ଏଫ୍.

C.R. ସଂଖ୍ୟା 223 /1999 ରେ ରାଞ୍ଚି ସ୍ଥିତ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 25.7.2001 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ସୁଗ୍ରୀବ ଦୁବେ ଏବଂ ରାକେଶ କେ. ଶର୍ମା ।

ଉତ୍ତରଦାତାମାନଙ୍କ ପାଇଁ ଅଭିମିତ ସିହ୍ନା, ଏଜାଜ ମକବୁଲ, ସୁଶ୍ରୀ ମିନାକ୍ଷୀ ନାଗ୍ ଏବଂ ଗୌରବ କେଜ୍ରିୱାଲ୍ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ଉତ୍ତରଦାତାମାନଙ୍କ ଦ୍ୱାରା ଆଇନର ଯଥାର୍ଥ ମାର୍ଗକୁ ଅନୁସରଣ ନକରି , ବାଦୀ-ଆବେଦନକାରୀମାନେ, ସେମାନଙ୍କର ସ୍ଥାବର ସମ୍ପତ୍ତିରୁ ସେମାନଙ୍କୁ ବେଦଖଲ ବିରୋଧରେ ଅଭିଯୋଗ କରି ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମ 1963 (ଏହା ପରଠାରୁ 'ଅଧିନିୟମ' ଭାବରେ ସୂଚିତ) ର ଧାରା 6 ଅନୁଯାୟୀ ଏକ ମକଦ୍ଦମା ଦାୟର କଲେ । ଏହି ମକଦ୍ଦମାକୁ ବିବାଦ କରାଗଲା । ମୌଖିକ ଏବଂ ଦସ୍ତାବିଜ୍ ସମ୍ବନ୍ଧୀୟ ପ୍ରମାଣ ଉପସ୍ଥାପନା କରାଗଲା । ବିଚାରଣ ନ୍ୟାୟାଳୟ ବାଦୀ - ଆବେଦନକାରୀମାନେ ମକଦ୍ଦମା ସପକ୍ଷରେ ରାୟ ପାଇବାକୁ ହକଦାର ବୋଲି ଜାଣିବାକୁ ପାଇଲେ ଏବଂ ତେଣୁ ମକଦ୍ଦମା ସପକ୍ଷରେ ରାୟ ଦେଲେ ।

ପ୍ରତିବାଦୀ-ଉତ୍ତରଦାତାମାନେ ଦେୱାନୀ ପ୍ରକ୍ରିୟା ସଂହିତା 1908 (ଏହା ପରେ ସଂକ୍ଷେପରେ 'ସଂହିତା') ର ଧାରା 115 ଅନୁଯାୟୀ ଏକ ପୁନଃରୀକ୍ଷଣ ଆବେଦନ ଦାଖଲ କରିଥିଲେ । ପୁନଃରୀକ୍ଷଣ ଆବେଦନକୁ ଅନୁମତି ଦିଆଯାଇଛି ଏବଂ ବାଦୀ-ଆବେଦନକାରୀମାନଙ୍କ ଦ୍ୱାରା ଦାୟର ହୋଇଥିବା ମକଦ୍ଦମାକୁ ଖାରଜ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ବ୍ୟଥିତ ହୋଇ , ବାଦୀମାନେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ କରିଛନ୍ତି ।

ଧାରା 6 ଅନୁଯାୟୀ ମକଦ୍ଦମାରେ ତଦନ୍ତ ଯେଭଳି ପ୍ରଜାସତ୍ତ୍ୱର ପ୍ରଶ୍ନକୁ ଅଣଦେଖା କରି ମକଦ୍ଦମା ଆରମ୍ଭ ହେବାର ତାରିଖ ଠାରୁ ଛଅ ମାସ ମଧ୍ୟରେ ଦଖଲ ଏବଂ ବେଦଖଲକୁ ଦର୍ଶାଇବାର କାରଣ ମଧ୍ୟରେ ସୀମିତ ସେଭଳି ଅଧିନିୟମର ଧାରା 6 ଅନୁଯାୟୀ ଏକ ମକଦ୍ଦମାକୁ ପ୍ରାୟତଃ ଏକ

ସଂକ୍ଷିପ୍ତ ମକଦ୍ଦମା କୁହାଯାଏ । ଧାରା 6 ର ଉପଧାରା (3) ରେ ପ୍ରାବଧାନ ରଖେ ଯେ ଏହି ଧାରା ଅନୁଯାୟୀ ଦାୟର ହୋଇଥିବା କୌଣସି ମକଦ୍ଦମାରେ ପାରିତ ହୋଇଥିବା କୌଣସି ଆଦେଶ କିମ୍ବା ରାୟରୁ କୌଣସି ଆବେଦନ ଉପୃନ୍ନ ହେବ ନାହିଁ । ଏପରି କୌଣସି ଆଦେଶ କିମ୍ବା ଡିକ୍ରିର କୌଣସି ପୁନଃରୀକ୍ଷଣ ପାଇଁ ଅନୁମତି ମଧ୍ୟ ନାହିଁ ।ଧାରା 6 ଅନୁଯାୟୀ ଏକ ମକଦ୍ଦମାରେ ଅସଫଳ ହୋଇଥିବା ଜଣେ ବ୍ୟକ୍ତିଙ୍କର ପ୍ରତିକାର ହେଉଛି ମକଦ୍ଦମାରେ ଥିବା ସମ୍ପତ୍ତିରେ ତାଙ୍କର ପ୍ରଜାସତ୍ତ୍ୱକୁ ପ୍ରମାଣିତ କରିବା ପାଇଁ ଏକ ନିୟମିତ ମକଦ୍ଦମା ଦାୟର କରିବା ଏବଂ ଯଦି ସେ ସେଥିରେ ସଫଳ ହୁଅନ୍ତି , ତେବେ ଅଧିନିୟମର ଧାରା 6 ଅନୁଯାୟୀ ଦିଆଯାଇଥିବା ଉକ୍ତ ପ୍ରତିକୂଳ ନିଷ୍ପତ୍ତି ସତ୍ତ୍ୱେ ମଧ୍ୟ ସେ ଉକ୍ତ ସମ୍ପତ୍ତିରେ ତାଙ୍କ ଦଖଲ ଫେରି ପାଇବାକୁ ହକଦାର୍ ହେବେ । ତେଣୁ, ଅଧିନିୟମ ର ଧାରା 6 ଅନୁଯାୟୀ କୌଣସି ନିଷ୍ପତ୍ତି ବିରୁଦ୍ଧରେ, ଅସଫଳ ପକ୍ଷର ପ୍ରତିକାର ହେଉଛି ପ୍ରଜାସତ୍ତ୍ୱ ଆଧାରରେ ନିୟମିତ ମକଦ୍ଦମା ଦାୟର କରିବା । ଏଠାରେ ପୁନଃରୀକ୍ଷଣ ଆବେଦନ ଦାଖଲର ପ୍ରତିକାର ଉପଲବ୍ଧ କିନ୍ତୁ ଏହା ଏହି କାରଣଗୁଡିକ ସକାଶେ ଏକ ବ୍ୟତିକ୍ରମ ରୂପରେ ହେବ ଯେ ସଂହିତାର ଧାରା 115 ଅନୁଯାୟୀ ପୁନଃରୀକ୍ଷଣ ଅଧିକାରିତାର ପ୍ରୟୋଗର ସୁପ୍ରତିଷ୍ଠିତ ପରିମାପ ମଧ୍ୟରେ ହସ୍ତକ୍ଷେପ ନିମିତ୍ତ ଏକ ମାମଲା ବ୍ୟତୀତ ଅଧିନିୟମର ଧାରା 6 ଅନୁଯାୟୀ, ଉଚ୍ଚ ନ୍ୟାୟଳୟ ଏକ ଡିକ୍ରି କିମ୍ବା ଆଦେଶରେ ହସ୍ତକ୍ଷେପ କରିବେ ନାହିଁ ।

ଉଚ୍ଚ ନ୍ୟାୟାଳୟଙ୍କର ଆଦେଶର ଅନୁଧ୍ୟାନରୁ ଜଣାପଡ଼େ ଯେ ଉଚ୍ଚ ନ୍ୟାୟାଳୟ, ବିଚାରଣ ନ୍ୟାୟାଳୟଙ୍କର ରାୟକୁ ଓଲଟାଇ ଦେବା ଉଦ୍ଦେଶ୍ୟରେ P. W - 3 ନାତାଇ ଶେଖ୍,ଏବଂ ରାମ୍ ସେବକ ରାମ୍, P. W - 3 ଙ୍କ ମୌଖିକ ବିବୃତ୍ତି ଉପରେ ନିର୍ଭର କରିଥିଲେ । ଉଭୟ ସାକ୍ଷ୍ୟରୁ ଗୋଟିଏ ଲେଖାଏଁ ବାକ୍ୟ ଉଦ୍ଧୃତ କରାଯାଇଛି ଏବଂ ଉଚ୍ଚ ନ୍ୟାୟାଳୟ ତାଙ୍କ ଆଦେଶରେ ଏହି ମତ ରଖିବା ଉଦ୍ଦେଶ୍ୟରେ ଧାର୍ଯ୍ୟ କରିଛନ୍ତି ଯେ ସେମାନେ ବାଦୀ ନୁହଁନ୍ତି ବରଂ ପ୍ରତିବାଦୀ ଯେଉଁମାନେ ମକଦ୍ଦମା ଦାୟର ହେବାର ଛଅ ମାସ ପୂର୍ବରୁ ମକଦ୍ଦମାରେ ଥିବା ସମ୍ପତ୍ତିର ଦଖଲରେ ଥିଲେ ।ଉଚ୍ଚ ନ୍ୟାୟାଳୟ , ନଥିରେ ଥିବା ତଥ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କରିନାହାନ୍ତି ଏବଂ ଅଧିନିୟମର ଧାରା 6 ଅନୁଯାୟୀ ବିଚାରଣ ନ୍ୟାୟାଳୟଙ୍କର ନିଷ୍ପତ୍ତିକୁ ଓଲଟାଇବା ନିମିତ୍ତ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ଅନୁଯାୟୀ ପୁନଃରୀକ୍ଷଣ ଅଧିକାରିତା ପ୍ରୟୋଗ ନିମିତ୍ତ କୌଣସି ଆଧାରକୁ ମଧ୍ୟ ସ୍ୱଷ୍ଟ ଭାବେ ଦର୍ଶାଇ ନାହାନ୍ତି । ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ପୁନଃରୀକ୍ଷଣ ଆବେଦନର ସନ୍ତୋଷଜନକ ଭାବରେ ଫଇସଲା ହୋଇଛି ବୋଲି କୁହାଯାଇପାରିବ ନାହିଁ ।

ଆବେଦନକୁ ଅନୁମତି ଦିଆଗଲା । ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ଆଦେଶକୁ ରଦ୍ଦ କରିଦିଆଗଲା । ଉଚ୍ଚ ନ୍ୟାୟାଳୟ ରେ ଦେୱାନୀ ସଂଶୋଧନ ଆଇନ ଅନୁଯାୟୀ ନୂତନ ଭାବରେ ଶୁଣାଣି ଏବଂ ନିର୍ଣ୍ଣୟ ପାଇଁ ଦାଖଲ କରିବାକୁ ପୁନଃସ୍ଥାପିତ ହେବ । ଏହି ଆବେଦନରେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ନାହିଁ ।

ପକ୍ଷମାନଙ୍କୁ ନିଜ ନିଜ ପରାମର୍ଶଦାତାମାନଙ୍କ ଜରିଆରେ ମେ 17,2004 ରେ ଉଚ୍ଚ ନ୍ୟାୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଗଲା ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।